ସୂଚନା ଓ ଲୋକ ସମ୍ପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Tourism(Od)/1251/14-11-2023**

# ଓଟିଡିସି ପକ୍ଷରୁ ୟଙ୍ଗ ମାଇଣ୍ଡସ୍ ଦ୍ୱାରା ଉତ୍ସାହପ୍ରଦ ଅଡିଟ ସହ ଶିଶୁ ଦିବସ ପାଳିତ

ଭୁବନେଶ୍ୱର,୧୪/୧୧/୨୦୨୩:

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି । ଓଟିଡିସି ମୁଖ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଟିଡିସି ଅଧକ୍ଷ ଡ଼ଃ ଲେନିନ ମହାନ୍ତି ଅଧକ୍ଷତା କରିଥିଲେ ।

ଉକ୍ତ ଉତ୍ସବରେ ଆଇନା ଫାଉଣ୍ଡେସନର ପିଲାମାନେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଡିଟ୍ କରି ନିଜର ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣାତ୍ମକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଦୁଇଟି ଦଳରେ ବିଭକ୍ତ ଏହି ଯୁବ ଅଡିଟରମାନେ ଓଟିଡିସିକୁ ବିଭିନ୍ନ ବର୍ଗରେ ମୂଲ୍ୟାଙ୍କନ କରିଥିଲେ, ଯେଉଁଥିରେ ସୁଲଭତା, କାର୍ଯ୍ୟକଳାପ, ଉପଲବ୍ଧ ସୁବିଧା ଏବଂ ସାମଗ୍ରିକ ଭିତ୍ତିଭୂମି ଆଦି ଅନ୍ତର୍ଭୁକ୍ତ ଥିଲା । ଆଇନା ଫାଉଣ୍ଡେସନର କିଶୋରୀମାନେ ୧୦ ପ୍ରତିଶତରୁ ୯ ପ୍ରତିଶତ ନମ୍ବର ଦେଇ ଓଟିଡିସିକୁ ପୁରସ୍କୃତ କରିଥିଲେ ।

ଅଡିଟ୍ ଫଳାଫଳ ଉପରେ ଆଲୋଚନା ପାଇଁ ଅନୁଷ୍ଠିତ ବୈଠକରେ ଓଟିଡିସି ଅଧକ୍ଷ ଡଃ ଲେନିନ୍ ମହାନ୍ତି ଏବଂ ସମସ୍ତ ବିଭାଗୀୟ ପରିଚାଳକ ଉପସ୍ଥିତ ଥିଲେ । ଡଃ ମହାନ୍ତି ଉଦ୍‌ବୋଧନ ଦେଇ ଆଇନା ଫାଉଣ୍ଡେସନର ଛାତ୍ରଛାତ୍ରୀମାନଙ୍କର ସୁଚିନ୍ତିତ ଅଡିଟ୍ ଓ ଅନୁଧାନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସେମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଆଇନା ଫାଉଣ୍ଡେସନର କିଶୋରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟବାନ ମତାମତ ଆଧାରରେ ଓଟିଡିସିର ଉପଲବ୍ଧତା ଏବଂ ସାମଗ୍ରିକ ପର୍ଯ୍ୟଟକ ଅନୁଭବକୁ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅଡିଟ୍ କାର୍ଯ୍ୟର ପୁଙ୍ଖାନୁପୁଙ୍ଖତାକୁ ଡଃ ମହାନ୍ତି ପ୍ରଶଂସା କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ଚିହ୍ନଟ ହୋଇଥିବା ସମସ୍ୟାର ସମାଧାନ ସହ ସେବାରେ ଉନ୍ନତି ଆଣିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ ।

ଜିତେନ୍ଦ୍ରୀୟ ଜେନା
ସୂଚନା ଅଧିକାରୀ